# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**17 December – 2025**

## ପିଏମ୍-ସୂର୍ଯ୍ୟଘର

ପିଏମ୍ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା ଅଧୀନରେ ଦେଶର ୭ଲକ୍ଷ ୭୦ହଜାର ପରିବାର ଉପକୃତ ହୋଇଛନ୍ତି । ସରକାର ୧୩ହଜାର ୯୨୬କୋଟି ଟଙ୍କାର ସବ୍‌ସିଡି ସହାୟତା ପ୍ରଦାନ କରିବା ସହ ୮ଲକ୍ଷ ୩୦ହଜାରରୁ ଅଧିକ ଋଣ ଆବେଦନକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ର ନୂତନ ଏବଂ ନବୀକରଣ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯେଶୋନାୟକ କହିଛନ୍ତି । ରାଜ୍ୟସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଗତ  ୯ତାରିଖ ସୁଦ୍ଧା ସମଗ୍ର ଦେଶରେ ୧୯ଲକ୍ଷ ୪୫ହଜାର ୭୫୮ ଲୋକମାନଙ୍କ ଘରର ଛାତ ଉପରେ ସୌରଶକ୍ତି ବ୍ୟବସ୍ଥା ସ୍ଥାପନ କରାଯାଇଛି । ଯେଉଁଥିରେ ୨୪ଲକ୍ଷ ୩୫ହଜାର ୧୯୬ଟି ପରିବାର ଲାଭାନ୍ୱିତ ହୋଇଥିବା ଶ୍ରୀ ଯେଶୋନାୟକ କହିଛନ୍ତି ।

## ସଡକ ସୁରକ୍ଷା ନିୟମ

ରାଜ୍ୟରେ ଅଭ୍ୟାସଗତ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଡ୍ରାଇଭିଂ ଲାଇସେନ୍ସ ଓ ଗାଡି ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ ହେବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି । ସଡକ ସୁରକ୍ଷା ନିୟମ ଅନୁସାରେ ଏଭଳି ଚାଳକଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପରିବହନ

ପ୍ରାଧିକରଣ(ଏସ.ଟି.ଏ) ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ସମସ୍ତ ଆର.ଟି.ଓ ଓ ଅତିରିକ୍ତ ଆରଟିଓଙ୍କୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ଆସନ୍ତା ଜାନୁୟାରୀ ପହିଲାରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଜାତୀୟ ସଡକ ସୁରକ୍ଷା ମାସ ପାଳନ କରିବାକୁ ନିଷ୍ପତ୍ତି ନେବା ଅବସରରେ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢୀ ଏହି ନିର୍ଦ୍ଦେଶ ଦେଇଛନ୍ତି ।

# ଧର୍ମେନ୍ଦ୍ର ପ୍ରଧାନ

ଭାରତୀୟ ମୂଲ୍ୟବୋଧ ଆଧାରରେ ଯୋଗ୍ୟ ନେତୃତ୍ୱ ସୃଷ୍ଟି କରିବା ସମସ୍ତଙ୍କ ଲକ୍ଷ୍ୟ ହେବା ଦରକାର ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଭାରତର ଶିକ୍ଷାକୁ ବୈଶ୍ୱୀକରଣ କରିବା, ବହୁମୁଖୀ ଶିକ୍ଷାପ୍ରଦାନ ଏବଂ ଶିକ୍ଷାକୁ ସୁଗମ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

# ଜଳ ବିଭାଜିକା ମହୋତ୍ସବ

ବଲାଙ୍ଗୀର ଜିଲ୍ଲାର ଉଲବାଠାରେ ଜଳ ବିଭାଜିକା ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକ ଉନ୍ନୟନ ନିର୍ଦ୍ଦେଶାଳୟ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ।

ମୃତ୍ତିକାର ଅବକ୍ଷୟ ହ୍ରାସ କରିବା ସହ ଜଳ ସଂରକ୍ଷଣ କରିବାକୁ ଜଳ ବିଭାଜିକା ପ୍ରକଳ୍ପ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ ।

## ପଞ୍ଜୀକରଣ ଅବଧି ବୃଦ୍ଧି

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬-୨୭ ଶିକ୍ଷାବର୍ଷରେ ହାଇସ୍କୁଲ ସାର୍ଟିଫିକେଟ ମାଟ୍ରିକ ପରୀକ୍ଷା ଦେବା ପାଇଁ ଚଳିତବର୍ଷ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ଅବଧି ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଗତ ୩ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣର ଅବଧି ଆଜି ଶେଷ ହେବାର ଥିଲା ।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜୟନ୍ତୀ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଅବସରରେ ଆଜି ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ଭୁବନେଶ୍ୱର ପାୱାର ହାଉସ ଛକଠାରେ ତାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟବ୍ୟକ୍ତିମାନେ ପୁଷ୍ପମାଲ୍ୟାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି । ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ନଗର ଉନ୍ନୟନମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେବେ ।

## ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ନେତୃତ୍ୱରେ ଏକ ଦଳ ଝାରସୁଗୁଡା ଜିଲ୍ଲା ଗସ୍ତ କରି ବିଭିନ୍ନ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ବାଲ୍ୟବିବାହ ହାରକୁ ଶୂନ୍ୟକୁ ଆଣିବା ଉପରେ ଗୁରୁତ୍ୱଦେବାକୁ ଜିଲ୍ଲା ପ୍ରଶାସନକୁ  ଶ୍ରୀମତୀ ପାତ୍ର ପରାମର୍ଶ ଦେଇଛନ୍ତି ।

## ସଚେତନତା ରଥ

ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ହିଞ୍ଜିଳିକାଟୁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାନମଣ୍ଡି ସମ୍ପର୍କୀତ ଦୁଇଟି ସଚେତନତା ରଥକୁ ଜିଲ୍ଲାପାଳ  ଭି. କୀର୍ତ୍ତିଭାସନ ଶୁଭାରମ୍ଭ କରିଛନ୍ତି । ପଞ୍ଜୀକୃତ ଚାଷୀଙ୍କଠାରୁ ଚଳିତ ଖରିଫ ଋତୁରେ ମଣ୍ଡିରୁ ଆସନ୍ତା ୨୩ତାରିଖରୁ ଧାନ ସଂଗ୍ରହ କରାଯିବାକୁ ନେଇ ଏହି ସଚେତନତା ରଥ ବିଭିନ୍ନ ଗ୍ରାମ ପରିକ୍ରମା କରୁଛି ।

## ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମ

ବରଗଡ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଶୁଙ୍କପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଶୋର ସଶକ୍ତିକରଣ ଓ ଶିଶୁ ସୁରକ୍ଷା ସମ୍ବନ୍ଧୀୟ

ମାମଲାଗୁଡିକର ସମୀକ୍ଷା କରାଯାଇଥିଲା । ଶିଶୁ ବିଭାଗକୁ ରୋକିବା ତଥା ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ପ୍ରୟାସ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

## ଓଟିଇଟି ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆଜି ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି-୨୦୨୫ ଅନୁଷ୍ଠିତ ହେବ। ଏହି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବ । ଚଳିତବର୍ଷ ୧ଲକ୍ଷ ୬୦ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ୪୫୨ ପରୀକ୍ଷା କେନ୍ଦ୍ରରେ ଓଟିଇଟି ଦେବେ ବୋଲି ଜଣାପଡିଛି ।

## ଶକ୍ତି ସଂରକ୍ଷଣ

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ସରକାର ବାଳିକା ଉଚ୍ଚ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସମ୍ପର୍କୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ ।

## ସ୍ୱଦେଶୀ ମେଳା

ନବରଙ୍ଗପୁରରେ ଜିଲ୍ଲାସ୍ତରୀୟ ସ୍ୱଦେଶୀମେଳା ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ

ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ଖୋର୍ଦ୍ଧା ଜିଲ୍ଲାର ବିଜେବି ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଗାଇଡ ଦୁଇଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲ୍ଲା ଶିକ୍ଷାଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସ୍କାଉଟ୍ ଗାଇଡ ମାନଙ୍କ ପକ୍ଷରୁ ବିଭିନ୍ନ ଦୁଃସାହସିକ କ୍ରୀଡା ପ୍ରଦର୍ଶନ ହୋଇଥିଲା । ଆୟୋଜିତ ପ୍ରଦର୍ଶନୀରେ ରାଜ୍ୟରୁ ଲୋପ ପାଉଥିବା ପୁରାତନ ମୁଦ୍ରା, ତାଳପତ୍ର ପୋଥି ଆଦି ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା ।

# ଶୀତଲହରୀ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୬ଦଶମିକ ୫ଡିଗ୍ରୀ ସେଲସିୟସ ରହିଥିଲା । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘନକୁହୁଡି ହେବା ନେଇ ସୁନ୍ଦରଗଡ,କୋରାପୁଟ,କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।